# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 February - 2025

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ଷୋଡଶ ଅର୍ଥ କମିଶନ

— ୨୦୨୬-୩୧ ପଂଚବାର୍ଷିକ ଯୋଜନାରେ ୧୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କଲେ ରାଜ୍ୟ ସରକାର

- ଆଗାମୀ ବଜେଟ୍ ଅଧିବେଶନ ପୂର୍ବରୁ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ

- ଜନଶୁଣାଣି ଅଭିଯୋଗର କାର୍ଯ୍ୟକାରିତା ନେଇ ବିଭିନ୍ନ ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହେଲା ନିର୍ଦ୍ଦେଶ

ଏବଂ

- ମ୍ୟାଟ୍ରିକ୍ ପରୀକ୍ଷା ନେଇ ଆସନ୍ତା ୧୨ ତାରିଖରୁ ସମସ୍ତ ନୋଡାଲ କେନ୍ଦ୍ରଗୁଡ଼ିକୁ ପଠାଯିବ ପ୍ରଶ୍ନପତ୍ର

# ଷୋଡ଼ଶ ଅର୍ଥ କମିଶନ

ରାଜ୍ୟ ସରକାର ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନର ରୂପରେଖ ଷୋଡଶ ଅର୍ଥ କମିଶନଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ଅର୍ଥ କମିଶନ'ର ଅଧ୍ୟକ୍ଷ ଅରବିନ୍ଦ ପନଗଢ଼ିଆ ଏବଂ ସଦସ୍ୟଙ୍କ ସହ ଆଜି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ବିଭିନ୍ନ ଆର୍ଥିକ ଓ ଗଠନମୂଳକ ଦିଗ ଉପରେ ଆଲୋଚନା କରାଯାଇଛି। ବିକାଶମୂଳକ ଆବଶ୍ୟକତା ଏବଂ ତଦନୁଯାୟୀ ଆର୍ଥିକ କ୍ଷମତା ଓ ପ୍ରସ୍ତାବିତ ଆର୍ଥିକ ହସ୍ତାନ୍ତର ସମ୍ପର୍କରେ କମିଶନଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ୨୦୨୬-୩୧ ପଞ୍ଚବାର୍ଷିକ ଯୋଜନା ନେଇ ସରକାର କମିଶନଙ୍କ ନିକଟରେ ୧୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରିଛନ୍ତି। ସରକାର ଆଲୋଚନା ବୈଠକରେ ଉପସ୍ଥାପନ କରିଥିବା ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ଟିକସ ଆୟରୁ ରାଜ୍ୟ ଭାଗକୁ ୪୧ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି, ରାଜ୍ୟର ବିପର୍ଯ୍ୟୟ ପରିଚାଳନା ପାଣ୍ଠିରେ କେନ୍ଦ୍ର ସରକାରଙ୍କ ଶତପ୍ରତିଶତ ଅନୁଦାନ, ଟିକସର ଅଂଶକୁ ୪ ଦଶମିକ ୫୨୮ ପ୍ରତିଶତରୁ ୪ ଦଶମିକ ୮୬୪ ପ୍ରତିଶତକୁ ବୃଦ୍ଧି କରିବା ଆଦି ଅନ୍ତର୍ଭୁକ୍ତ।

ସେହିଭଳି, ସ୍ୱାସ୍ଥ୍ୟ, ଜଳଯୋଗାଣ, ପରିମଳ ଓ ବାର୍ଦ୍ଧକ୍ୟ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକୁ ମଧ୍ୟ କମିଶନ'ଙ୍କ ନିକଟରେ ରାଜ୍ୟ ସରକାର

ଉପସ୍ଥାପନ କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି...

# - V/O -

ଅପରାହ୍ଣରେ ଅର୍ଥ କମିଶନଙ୍କ ସଦସ୍ୟଙ୍କ ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ନିର୍ବାଚିତ ପ୍ରତିନିଧି, ଟ୍ରେଡ୍ ୟୁନିୟନ୍‌ର ସଦସ୍ୟ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ସୂଚନାଯୋଗ୍ୟ, ଷୋଡଶ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ଗତ ମଙ୍ଗଳବାରଠାରୁ ଓଡ଼ିଶାକୁ ଚାରିଦିନିଆ ଗସ୍ତରେ ଆସିଛନ୍ତି।

## ସର୍ବଦଳୀୟ ବୈଠକ

ବିଧାନସଭାର ଆଗାମୀ ଅଧିବେଶନର ଅବ୍ୟବହିତ ପୂର୍ବରୁ ଆସନ୍ତା ୧୨ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଗୃହକୁ ସୁରୁଖୁରୁରେ ପରିଚାଳନା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇ ମତ ବିନିମୟ କରିବେ। ସୂଚନାଯୋଗ୍ୟ, ଆସନ୍ତା ୧୩ ତାରିଖରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେଉଛି। ୧୭ ତାରିଖରେ ଆସନ୍ତା ଆର୍ଥିକବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ। ଏହି ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି।

## ପରିଚୟପତ୍ର ପ୍ରଦାନ

**ଗଞ୍ଜାମ** ଜିଲ୍ଲା ହିଲ୍ ପାଟଣା ସଂସ୍କୃତି ଭବନ ପରିସରରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିରକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା

ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ୧୩ ଶହ ୧୬ ଜଣ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ନିମନ୍ତେ ୯୪ ଲକ୍ଷ ୪୭ ହଜାର ୨୦୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ମୋଟ୍ ୨୬ ଶହ ୧୭ ଜଣ ହିତାଧିକାରୀଙ୍କୁ ୯ କୋଟି ୯୪ ଲକ୍ଷ ୯୨ ହଜାର ୨୦୦ ଟଙ୍କା ବ୍ୟାଙ୍କ ଖାତାକୁ ପଠାଯିବା ନେଇ ସୂଚନା ରହିଛି। ଏହି ଶିବିରରେ ୩୦୦ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ଓ ୫୦୦ ଜଣଙ୍କୁ ଓଡ଼ିଶା ଅଣସଂଗଠିତ ସାମାଜିକ ସୁରକ୍ଷା ଅଧୀନରେ ପରିଚୟପତ୍ର ପ୍ରଦାନ କରାଯାଇଛି।

## କୃମିନାଶକ ଦିବସ

ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଆସନ୍ତା ୧୦ ତାରିଖରେ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ  ଔଷଧ ବଣ୍ଟନ କରାଯିବ। ୧୭ ତାରିଖରେ ମଧ୍ୟ କୃମିନାଶକ ଔଷଧ ବଣ୍ଟନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୋଟ୍ ୧ କୋଟି ୪୬ଲକ୍ଷ ବାଳକବାଳିକା ଏବଂ ୧୭ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଔଷଧ ବଣ୍ଟନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

ପରିବାର କଲ୍ୟାଣ ନିର୍ଦ୍ଦେଶିକା ସଂଯୁକ୍ତା ସାହୁଙ୍କ କହିବା ଅନୁଯାୟୀ, ଜାତୀୟ କୃମିନାଶକ ଦିବସ ଅଭିଯାନ ସମୟରେ ଶିଶୁ ଏବଂ ମହିଳାମାନଙ୍କୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ବୟସ ଅନୁଯାୟୀ ଔଷଧ ପ୍ରଦାନ କରାଯିବ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ ଶୈଶବ ଦୃଷ୍ଟିବାଧିତକୁ ରୋକିବା ପାଇଁ ଚଳିତ ମାସରେ ନିୟମିତ ଭାବେ ୯ ମାସରୁ ୫ ବର୍ଷ

ବୟସର ପିଲାମାନଙ୍କୁ ଭିଟାମିନ୍-ଏ ଡୋଜ୍ ଦିଆଯିବ ବୋଲି ସେ କହିଛନ୍ତି।

## ଜନଶୁଣାଣିରେ ବିଳମ୍ବରେ କାର୍ଯ୍ୟାନୁଷ୍ଠାନ

ଜନଶୁଣାଣି ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ସହିତ ଏହାର କାର୍ଯ୍ୟକାରିତା ନେଇ ବିଳମ୍ବ ଘଟିଲେ ଏଣିକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ବିଭାଗର ବିଭାଗୀୟ ମୁଖ୍ୟ, ପୋଲିସ୍ ମହାନିର୍ଦ୍ଦେଶକ, କମିଶନର, ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଚିଠି ମାଧ୍ୟମରେ ଜଣାଯାଇଛି। ଅବହେଳା ପ୍ରଦର୍ଶନକାରୀଙ୍କ ବିରୋଧରେ ଓଡ଼ିଶା ବେସାମରିକ ସେବା ନିୟମ-୧୯୬୨ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଅନେକ ଅଭିଯୋଗର ଦୀର୍ଘଦିନ ଧରି ବିଭିନ୍ନ ସ୍ତରରେ ତ୍ୱରିତ ପଦକ୍ଷେପ ନେବାରେ ବିଳମ୍ବ ପରିଲକ୍ଷିତ ହେଉଛି। ଯାହାଦ୍ୱାରା ଅଭିଯୋଗକାରୀମାନେ ସମାନ ଅଭିଯୋଗ ଧରି ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଛନ୍ତି। ତେଣୁ ସମସ୍ୟାର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏପରି ନିର୍ଦ୍ଦେଶ ଜାରି କରାଯାଇଛି।

# ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବାକୁଥିବା ମାଟ୍ରିକ ପରୀକ୍ଷା ପାଇଁ ୧୨ ତାରିଖରୁ ନୋଡାଲ

କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବ । ଚଳିତବର୍ଷ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ସ୍ୱତନ୍ତ୍ର ସିରିଏଲ୍ ନମ୍ବର ରଖାଯାଇଛି। ପ୍ରଶ୍ନପତ୍ର ପ୍ରଘଟ ହେଲେ କ୍ରମାଙ୍କ ନମ୍ବର ଆଧାରରେ ପରୀକ୍ଷା କେନ୍ଦ୍ରର ଚିହ୍ନଟ ହୋଇପାରିବ।

ସୂଚନା ଅନୁଯାୟୀ, ୧୨ରୁ ୧୯ ତାରିଖ ମଧ୍ୟରେ ସମସ୍ତ ନୋଡାଲ୍ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ଚାରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ସହ ମୋଟ୍ ୧୭୨ଟି ଟିମ୍ ଏଥିପାଇଁ ଗଠନ କରାଯାଇଛି। ଚଳିତବର୍ଷ ୩୦ଟି ଜିଲ୍ଲାର ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ଲକ୍ଷ ୨୦ହଜାର ୬୪୯ଜଣ ପରୀକ୍ଷା ଦେବେ । ଏ ସମ୍ପର୍କରେ ପରିଷଦର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି.....

# - V/O –

## ପଞ୍ଚାୟତ ସମିତିର ଅଧିବେଶନ

**ନୟାଗଡ଼** ଜିଲ୍ଲା ଖଣ୍ଡପଡା ବ୍ଲକ୍ ସଭାଗୃହରେ ପଞ୍ଚାୟତ ସମିତିର ଅଷ୍ଟମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ଉପମା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବିଭାଗୀୟ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଶିକ୍ଷା, ପାନୀୟଜଳ, କୃଷି, ଉଦ୍ୟାନ ବିଭାଗ, ମହିଳା ଓ ଶିଶୁ ବିକାଶ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବିଧାୟକ

ଦୁଷ୍ମନ୍ତ କୁମାର ସ୍ୱାଇଁ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ବେଟୀ ବଚାଓ-ବେଟୀ ପଢ଼ାଓ'

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ 'ବେଟୀ ବଚାଓ-ବେଟୀ ପଢ଼ାଓ' ସମ୍ପର୍କିତ ଏକ ସାଇକେଲ ଓ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାକୁ ଜିଲ୍ଲାପାଳ ସଚିନ ପାୱାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ମହିଳା ପୁଲିସ୍ କର୍ମଚାରୀ ପ୍ରମୁଖ ପ୍ଲାକାର୍ଡ ଏବଂ ସ୍ଲୋଗାନ୍ ମାଧ୍ୟମରେ 'ବେଟୀ ବଚାଓ-ବେଟୀ ପଢ଼ାଓ' ଉପରେ ସଚେତନତା ସୃଷ୍ଟି କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ଏକମାସ ବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନ ଆସନ୍ତା ମାସ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଉଦ୍‌ଯାପିତ ହେବ।

# ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ଜାତୀୟ ସେବା ଯୋଜନା ଶାଖା ଏନ୍.ଏସ୍.ଏସ୍‌ର ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ୨୭୦ଜଣ ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଶିକ୍ଷା ସଂସ୍ଥାନ ଆଦି ପରିଭ୍ରମଣ କରିବେ ।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି । ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରଦର୍ଶନୀରେ ଭାରତ ସମେତ ଜର୍ମାନୀ, ଇଂଲଣ୍ଡ, ଭିଏତ୍‌ନାମ, ସାଉଥ୍‌କୋରିଆ ଆଦି ଦେଶର ଶିଶୁ ଚିତ୍ରଶିଳ୍ପୀମାନଙ୍କର ଚିତ୍ରକଳାକୁ ପ୍ରଦର୍ଶିତ କରାଯାଇଛି ।

### ଇଣ୍ଡିଆନ୍ ଫୁଟ୍‌ବଲ୍ ଲିଗ୍

ଇଣ୍ଡିଆନ୍ ଫୁଟ୍‌ବଲ୍ ଲିଗ୍ ପ୍ରତିଯୋଗିତାରେ ଆଜି ଓଡ଼ିଶା ଏଫ୍‌ସି ଏବଂ ଏଫ୍‌ସି-ଗୋଆ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଗୋଆର ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ପଏଣ୍ଟ ତାଲିକାରେ ଏଫ୍‌ସି ଗୋଆ ଏପର୍ଯ୍ୟନ୍ତ ତୃତୀୟ ସ୍ଥାନରେ ରହି ପ୍ଲେ-ଅଫ୍‌ର ନିକଟତର ହୋଇଥିବାବେଳେ ଓଡ଼ିଶା ସପ୍ତମ ସ୍ଥାନରେ ରହିଛି।

## ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ପୋଲିସ ସେବା ଭବନରେ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହ କହିଛନ୍ତି ଆସନ୍ତାକାଲି ଉଭୟ ଦଳ ଭୁବନେଶ୍ୱରରେ ପହଞ୍ଚିବେ ଏବଂ ୮ ତାରିଖ ଶନିବାର ଦିନ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିବେ । ମ୍ୟାଚ୍ ପାଇଁ ୫୦ ପ୍ଲାଟୁନ ପୋଲିସ

ଫୋର୍ସ ମୁତୟନ ହେବାକୁ ଥିବାବେଳେ ଷ୍ଟାଡିୟମ ଭିତରକୁ ପାଣି ବୋତଲ ନେବାକୁ ବାରଣ କରାଯାଇଛି । ମ୍ୟାଚ୍ ପାଇଁ ଗତକାଲି କାଉଣ୍ଟରରେ ୧୧ହଜାରରୁ ଅଧିକ ଟିକଟ ବିକ୍ରି ହୋଇଛି ।

## ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଦେଇଛି। ଏହାପରେ ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଦୁଇଦିନ ପର୍ଯ୍ୟନ୍ତ ଘନ କୁହୁଡି ସ୍ଥିତି ନେଇ ଜଗତ୍‌ସିଂହପୁର, କଟକ ଏବଂ ଖୋର୍ଦ୍ଧା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

*********************************